# 16th Meeting of the Working Mechanism for Consultation & Coordination on India-China Border Affairs

July 10, 2020

---

## ଭାରତ-ଚୀନ୍ ସୀମା ଘଟଣା ଉପରେ ପରାମର୍ଶ ଏବଂ ସମନ୍ୱୟ ପାଇଁ କାର୍ଯ୍ୟ ପ୍ରଣାଳୀର 16ତମ ବୈଠକ

10 ଜୁଲାଇ 2020

ଭାରତ-ଚୀନ୍ ସୀମା ଘଟଣା (ଡବ୍ଲୁ୍ୟଏମସିସି) ଉପରେ ପରାମର୍ଶ ଏବଂ ସମନ୍ୱୟ ପାଇଁ କାର୍ଯ୍ୟ ପ୍ରଣାଳୀର 16 ତମ ବୈଠକ10 ଜୁଲାଇ 2020ରେ ଆୟୋଜିତ କରାଯାଇଥିଲା। ଏହି ବୈଠକରେ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ବିଦେଶ ମନ୍ତ୍ରାଳୟରେ ପୂର୍ବ ଏସିଆ ମାମଲାର  ସଂଯୁକ୍ତ ସଚିବ ନେଇଥିଲେ, ସେତେବେଳେଚୀନର ପ୍ରତିନିଧିମଣ୍ଡଳର ଚୀନ୍ ର ବିଦେଶ ମନ୍ତ୍ରାଳୟରେ ସୀମା ଓ ସାମୁଦ୍ରିକ ବିଭାଗର ମହା ନିର୍ଦ୍ଦେଶକ ନେତୃତ୍ୱ ନେଇଥିଲେ।

2. ଉଭୟ ପକ୍ଷ 17 ଜୁନ୍ 2020 ରେ ହୋଇଥିବା ଭାରତ ଓ ଚୀନର ବିଦେଶ ମନ୍ତ୍ରୀଙ୍କ ଚର୍ଚ୍ଚାରେ ହୋଇଥିବା ପରସ୍ପର ବୁଝାମଣା ଏବଂ ଦୁଇ ଜଣ ବିଶେଷ ପ୍ରତିନିଧୀ (ଏସଆର) ଙ୍କ ଭିତରେ 5 ଜୁଲାଇ 2020 ରେ ଟେଲିଫୋନ୍ ରେ ହୋଇଥିବା କଥାବାର୍ତ୍ତା ସମୟରେ ହୋଇଥିବାସହମତିକୁ ମଧ ମନେ ପକାଇଲେ। ଉଭୟ ପକ୍ଷ ଏହି କଥା ଉପରେ ସହମତ ଥିଲେ ଯେ ସୀମାରେ ସୈନ୍ୟ ସ୍ତରରେ ସଂଯୋଜନ କମ କରିବାକୁ ସୁନିଶ୍ଚିତ କରିବେ। ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲଏସି) ରେ ଦ୍ୱିପକ୍ଷୀୟ ବୁଝାମଣା ଓ ପ୍ରୋଟୋକଲ୍ ଅନୁସାରେ ଶାନ୍ତିକୁ ବଜାୟ କରି ରଖାଯିବ। ସେମାନେ ଏହା ପାଇଁ ମଧ ସହମତି ଜଣେଇଲେ ଯେ, ଦ୍ୱିପକ୍ଷୀୟ ସମ୍ବନ୍ଧର ସମଗ୍ର ବିକାଶ ପାଇଁ ସୀମାବର୍ତ୍ତୀ କ୍ଷେତ୍ରରେ ସ୍ଥାୟୀ ଶାନ୍ତି ଓ ପ୍ରଶାନ୍ତି କୁ ବଜାୟ କରି ରଖିବା ଆବଶ୍ୟକ ଅଟେ।

3. ସେମାନେ ଏଲଏସିର ପଶ୍ଚିମୀ କ୍ଷେତ୍ରରେ ସୈନ୍ୟ ମାନଙ୍କର ଚିନ୍ତା କମ କରିବା ଏବଂ ସୈନିକ ସଂଯୋଜନକୁ କମ କରିବା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ଉପାୟଗୁଡ଼ିକର ସମୀକ୍ଷା କରିଥିଲେ।ସେମାନେ ଏହି କଥା ଉପରେ ସହମତ ହେଲେ ଯେ,ବରିଷ୍ଠ ସୈନ୍ୟ କମାଣ୍ଡରମାନଙ୍କ ଭିତରେ ହୋଇଥିବା ବୁଝାମଣାକୁ ନିଷ୍ଠାପରତାର ସହ କାର୍ଯ୍ୟକାରୀ କରିବା ଆବଶ୍ୟକ। ଭାରତ ଓ ଚୀନ ଉଭୟ ଦେଶର ବିଶେଷ ପ୍ରତିନିଧି ମାନଙ୍କ ଭିତରେ ବଜାୟ ରହିଥିବା ସହମତି ଅନୁସାରେ ବରିଷ୍ଠ କମାଣ୍ଡର ଖୁବ ଶୀଘ୍ର ପରବର୍ତ୍ତୀ ପଦକ୍ଷେପ ବିଷୟରେ ମଧ ଆଲୋଚନା କରିବେ, ଯଦ୍ୱାରା ସମୟବଦ୍ଧ ଉପାୟରେ ସୈନ୍ୟ ମାନଙ୍କର ଚିନ୍ତା କମ କରିବା ଏବଂ ସୈନିକ ସଂଯୋଜନକୁ କମ କରିବା ପାଇଁ ନିଶ୍ଚିତ କରାଯାଇଥିବା ପ୍ରକ୍ରିୟା ପୁରା ହୋଇପାରିବ।

4. ଉଭୟ ପକ୍ଷ ଗୁଡ଼ିକ ସ୍ଥିତିର ଶୀଘ୍ର ସମାଧାନକୁ ସୁନିଶ୍ଚିତ କରିବା ପାଇଁ ରାଜନୈତିକ ଏବଂ ସୈନ୍ୟ

ଉଭୟ ସ୍ତରରେ ଜାରି କରାଯାଇଥିବା ଯୋଗାଯୋଗକୁ ବଜାୟ ରଖିବା ଉପରେ ସହମତି ବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ନିକଟ ଭବିଷ୍ୟତରେ ଡବ୍ଲ୍ୟୁଏମସିସିର ଆଉ ଏକ ବୈଠକ ଆୟୋଜନ କରିବାକୁ ରାଜି ହୋଇଛନ୍ତି।

**ନୂଆଦିଲ୍ଲୀ**
**ଜୁଲାଇ 10, 2020**
*********

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.